# NATIONAL NEWS BULLETIN (ODIA)

**2 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦିଲ୍ଲୀର ରାଜଘାଟଠାରେ ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

– ବିଭିନ୍ନ ରାଷ୍ଟ୍ରରେ ପାଳିତ ହୋଇଛି ଗାନ୍ଧିଜୀଙ୍କ ଜନ୍ମବାର୍ଷିକୀ

- ଆର୍‌ଏସ୍‌ଏସ୍‌'ର ଶତବାର୍ଷିକୀ ପାଳନ ଅବସରରେ ଶୁଭେଚ୍ଛା ଜଣାଇଲେ ଉପରାଷ୍ଟ୍ରପତି

- ବୈଦ୍ୟୁତିକ ଉପକରଣ ପ୍ରସ୍ତୁତି ଯୋଜନା ଅଧୀନରେ ୧ ଲକ୍ଷ ୧୫ ହଜାର ୩୫୧ କୋଟି ଟଙ୍କାର ମିଳିଛି ନିବେଶ ପ୍ରସ୍ତାବ

- ସର୍ କ୍ରିକ୍ ଅଞ୍ଚଳରେ କୌଣସି ଦୁଃସାହସିକ କାର୍ଯ୍ୟର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀଙ୍କ ପାକିସ୍ତାନକୁ ଚେତାବନୀ

ଏବଂ

- ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଦୁଇଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦଠାରେ ଜାରି ରହିଛି

# ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଆଜି ଦେଶବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ  ଦେଶ ଏବଂ ବିଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦିଲ୍ଲୀର ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଆଜି ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଗୃହ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ମନୋହର ଲାଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେଠାରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜନ୍ମବାର୍ଷିକୀରେ ମଧ୍ୟ ଦେଶବ୍ୟାପୀ ସଭାସମିତିମାନ ଆୟୋଜିତ ହେଉଛି।

ବିଶ୍ୱବ୍ୟାପୀ ଗାନ୍ଧିଜୀଙ୍କ ୧୫୬ତମ ଜନ୍ମବାର୍ଷିକୀ ଆଜି ପାଳନ କରାଯାଇଛି।

ନ୍ୟୁଜିଲାଣ୍ଡରେ ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ପାଳିତ ଜୟନ୍ତୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବାପୁଜୀଙ୍କ ଜୀବନ ଓ ଶିକ୍ଷାର ପ୍ରଭାବ ଏବଂ ଏହାର ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଛନ୍ତି।

ଜାପାନର ଏଡୋଗାୱାଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ  ସେଠାକାର ଅଧିକାରୀ, ପ୍ରବାସୀ ଭାରତୀୟ, ଶିକ୍ଷକ ଏବଂ ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ

ଅର୍ପଣ କରିଛନ୍ତି । ନେପାଳଠାରେ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନରେ ଉତ୍କର୍ଷ ପ୍ରତିପାଦନ କରିଥିବା ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ପୋର୍ଟ ମୋରେସ୍ ବି'ରେ ଥିବା ପପୁଆ ନ୍ୟୁ ଗିନି ବିଶ୍ୱବିଦ୍ୟାଳୟଠାରେ ମଧ୍ୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି । ଭାରତୀୟ ଉଚ୍ଚାୟୁକ୍ତ ରାଜୀବ କୁମାର ବିଶ୍ୱବିଦ୍ୟାଳୟର ଉପଚାନ୍ସେଲର ଇଆନ୍ ଫିଣ୍ଡ୍ଲେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ମଧ୍ୟ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି ।

## ଅମିତ ଶାହା– ଖଦି

ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀର ଖଦୀ ଗ୍ରାମୋଦ୍ୟୋଗ ଭବନରେ ଜିଏସ୍‌ଟି ସଞ୍ଚୟ ଉତ୍ସବ ପାଳନ କରିଛନ୍ତି । ଖଦୀ ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦ ଉପରେ ଦେଶବ୍ୟାପୀ ରିହାତି ବିକ୍ରୟର ଶୁଭାରମ୍ଭ କରିଛନ୍ତି । ଉପଭୋକ୍ତାଙ୍କୁ ଖଦୀ ପୋଷାକ ଉପରେ ଆଜିଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ୨୦ ପ୍ରତିଶତ ଏବଂ ଖଦୀ ଗ୍ରାମୋଦ୍ୟୋଗ ଉତ୍ପାଦ ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯିବ । ଖଦୀକୁ ଅଧିକରୁ ଅଧିକ ଆପଣାଇବା ଏବଂ ସ୍ୱଦେଶୀ ଉତ୍ପାଦ ବ୍ୟବହାରକୁ ଅଧିକ ତ୍ୱରାନ୍ୱିତ କରିବା ମନ୍ତ୍ରୀ ଶ୍ରୀ ଶାହା ଦେଶବାସୀଙ୍କୁ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଗାନ୍ଧୀ ଜୟନ୍ତୀ ଅବସରରେ ଆମର ପଡ୍ କାଷ୍ଟ ସିରିଜ୍ 'କାହାଣୀ ପଛର ବ୍ୟକ୍ତିତ୍ୱ'ର ଅଂଶଭାବରେ ଆଜି ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଭି.ପି.ଆପୁକୁଟ୍ଟାନ ପୋଡୁଭାଲଙ୍କ ସହ ଆଜି ଏକ ସାକ୍ଷାତ ଆଲୋଚନା ପ୍ରସାରଣ କରାଯିବ। ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ଆକାଶବାଣୀର ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲରେ ଏହି କାର୍ଯ୍ୟକ୍ରମର ପ୍ରସାରଣ କରାଯିବ।

# ଭିପି- ଆର୍‌ଏସଏସ୍

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ– ଆର୍‌ଏସ୍‌ଏସ୍'ର ଶତବାର୍ଷିକୀ ପାଳନ ଅବସରରେ ଉପରାଷ୍ଟ୍ରପ୍ରତି ସି.ପି. ରାଧାକ୍ରିଷ୍ଣନ୍ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ୧୯୨୫ ମସିହାରେ ଡକ୍ଟର କେଶବ ବଳିରାମ ହେଡ୍‌ଗେଓ୍ୱାରଙ୍କ ଦ୍ୱାରା ଆର୍.ଏସ୍.ଏସ୍'ର ପ୍ରତିଷ୍ଠା ହେବା ପରଠାରୁ 'ସେବା ପରମ ଧର୍ମ'ର ମୂଳମନ୍ତ୍ର ଭାବେ ଗ୍ରହଣ କରି ଏହାର ସ୍ୱେଚ୍ଛାସେବକମାନେ ନିରନ୍ତର କାର୍ଯ୍ୟ କରିଆସୁଅଛନ୍ତି। ଚରିତ୍ର ବିକାଶ ଏବଂ ସ୍ୱେଚ୍ଛାକୃତ ଭାବେ ସମାଜର ସେବା କରିବା ପାଇଁ ଆର୍.ଏସ୍.ଏସ୍. ସର୍ବଦା ପ୍ରେରଣା ଯୋଗାଇ ଆସୁଛି। ଉପରାଷ୍ଟ୍ରପତି କହିଛନ୍ତି, ଏକ ଅନ୍ତର୍ଭୁକ୍ତୀମୂଳକ ଆଭିମୁଖ୍ୟ ନେଇ ଆର୍.ଏସ୍.ଏସ୍ ଧର୍ମ, ଜାତି ଏବଂ ଭାଷାରୁ ଉର୍ଦ୍ଧ୍ୱକୁ ଉଠି ସର୍ବାଙ୍ଗୀନ ପ୍ରଗତିରେ ଯୋଗଦାନ  ଦେଇ ଆସୁଛି। ଖୁବ୍‌ଶୀଘ୍ର ଭାରତ ବିଶ୍ୱର ଏକ ସର୍ବୋତ୍ତମ ରାଷ୍ଟ୍ରଭାବେ ପରିଗଣିତ ହେବ ଏବଂ ଏଥିରେ ଆର୍.ଏସ୍.ଏସ୍. ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

## ବୈଷ୍ଣବ ଇଲେକ୍ଟ୍ରୋନିକ୍ସ

ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି  ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବୈଦ୍ୟୁତିକ ଉପକରଣ ପ୍ରସ୍ତୁତି ଯୋଜନା ଅଧୀନରେ ସରକାରଙ୍କୁ ୧ ଲକ୍ଷ ୧୫ ହଜାର ୩୫୧ କୋଟି ଟଙ୍କାର ନିବେଶ ଆବେଦନ ପତ୍ର ମିଳିଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଆଜି ସୂଚନା ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ଅଧୀନରେ ଗତକାଲି ଆବେଦନ କରିବାର ସମୟସୀମା ଶେଷ ହୋଇଛି। ଗତ ୧୧ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିଶ୍ୱାସ' ନିବେଶ, ନିଯୁକ୍ତି ଏବଂ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିଛି। ଶ୍ରୀ ବୈଷ୍ଣବ କହିଛନ୍ତି,  ୫୯ ହଜାର ୩୫୦ କୋଟି ଟଙ୍କା ନିବେଶ ଆଧାରରେ ଏହି ଆବେଦନପତ୍ରଗୁଡ଼ିକ ହସ୍ତଗତ ହୋଇଛି। ଏହା ବ୍ୟତୀତ ୪ ଲକ୍ଷ ୫୬ ହଜାର ୫୦୦ କୋଟି ଟଙ୍କାର ଉତ୍ପାଦନ ଲକ୍ଷ୍ୟ ପାଇଁ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଉତ୍ପାଦନ ନେଇ ପ୍ରସ୍ତାବ ମିଳିଛି।

## ରାଜନାଥ- କଚ୍ଛ

ସାର୍ କ୍ରିକ୍ ଅଞ୍ଚଳରେ ଯେକୌଣସି ଦୁଃସାହସିକ କାର୍ଯ୍ୟର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ଭୂଜ୍‌ର ସାମରିକଘାଟୀଠାରେ ଶସ୍ତ୍ର ପୂଜନ ସମାରୋହ ଅବସରରେ ସୈନିକଙ୍କୁ ସମ୍ବୋଧନ କରି ଶ୍ରୀ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ଅବସରରେ ପାକିସ୍ତାନ ଲେହରୁ ସାର୍ କ୍ରିକ୍ ପର୍ଯ୍ୟନ୍ତ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ଭେଦ କରିବାରେ ବିଫଳ ହୋଇଥିଲା।

ଭାରତୀୟ ସେନା ପାକିସ୍ତାନ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତାକୁ ପ୍ରମାଣ କରିଥିଲା।

**V/O – Rajnath**

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଗତକାଲି ଭୁଜ୍‌ର ସାମରିକଘାଟିଠାରେ ରାବଣପୋଡ଼ି ସମାରୋହରେ ଯୋଗଦେବା ସହ ସୈନିକମାନଙ୍କ ସହ ଭୋଜନ କରିଥିଲେ। ଅପରେସନ୍ ସିନ୍ଦୂରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯବାନଙ୍କୁ ଶ୍ରୀ ସିଂହ ଏହି ଅବସରରେ ସମ୍ମାନିତ କରିଥିଲେ।

# ସେବାପର୍ବ-ନକ୍ସଲମୁକ୍ତ ଭାରତ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଶୁଣିବା, ନକ୍ସଲମୁକ୍ତ ଭାରତ ଗଠନ ପାଇଁ ମୋଦୀ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ।

**Seba Parba Opening**

ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବାମପନ୍ଥୀ ଉଗ୍ରବାଦ ପ୍ରତି ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକରେ ଶତପ୍ରତିଶତ କାର୍ଯ୍ୟାନ୍ୱୟନ ସହିତ ଉଗ୍ରବାଦ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସମ୍ପୂର୍ଣ୍ଣ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଗତ ମାସରେ ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ନକ୍ସଲ ଏବଂ ମାଓବାଦ

ଯୋଗୁଁ ଲାଲ୍ କରିଡର ଭାବେ ପରିଚିତ ଅଞ୍ଚଳଗୁଡ଼ିକ ଏବେ ସବୁଜ ବିକାଶର କରିଡରରେ ପରିଣତ ହେଉଛି।

**V/O–PM**

ବାମପନ୍ଥୀ ଉଗ୍ରବାଦ ଆହ୍ୱାନର ମୁକାବିଲା ପାଇଁ ସରକାର ଦୁଇଟି ମୁଖ୍ୟ ନୀତି କାର୍ଯ୍ୟକାରୀ କରିଛନ୍ତି। ହିଂସା ସମାପ୍ତ ପାଇଁ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି କରିବା ଏବଂ ସେହି ଅଞ୍ଚଳରେ ବାଧାପ୍ରାପ୍ତ ହେଉଥିବା ବିକାଶକୁ ପୁନଃ କାର୍ଯ୍ୟକ୍ଷମ କରିବା। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକ ପାଇଁ ବଜେଟ୍‌ରେ ଅର୍ଥବରାଦ ୩୦୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ୨୦୦୪ରୁ ୨୦୧୪ ସମୟସୀମା ତୁଳନାରେ ନକ୍ସଲ ହିଂସା ଘଟଣା ବହୁ ପରିମାଣରେ ହ୍ରାସ ପାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିରନ୍ତର ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ପ୍ରତିବଦ୍ଧତା ଯୋଗୁଁ ବାମପନ୍ଥୀ ଉଗ୍ରବାଦ ମୁକ୍ତ ଭାରତର ଦୃଷ୍ଟିକୋଣ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ ହୋଇଛି।

**Seba Parba Closing**

# ଜିଏସ୍‌ଟି- ଯନ୍ତ୍ରପାତି/ସାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ମାସ ୨୨ ତାରିଖରେ ଆରମ୍ଭ ହୋଇଥିବା ଜିଏସ୍‌ଟି ସଞ୍ଚୟ ଉତ୍ସବ ସମାଜର ସବୁବର୍ଗକୁ ସୁଫଳ ପ୍ରଦାନ କରୁଛି। ଏହି ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ସଂସ୍କାର ମାଧ୍ୟମରେ ବିଭିନ୍ନ

ସାମଗ୍ରୀ ଓ ସେବା ଉପରେ ଟିକସ ହାର ହ୍ରାସ ଦେଶବାସୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ।

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ମାଧ୍ୟମରେ ସରକାର କୃଷକଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ସହ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି । ଅତ୍ୟାବଶ୍ୟକୀୟ କୃଷି ଉପକରଣଗୁଡ଼ିକର ମୂଲ୍ୟ ସୁଲଭ ହୋଇଛି । ସ୍ପ୍ରିଙ୍କଲର୍, ଡ୍ରିପ୍ ଜଳସେଚନ ପ୍ରଣାଳୀ, ଶସ୍ୟ ଅମଳ ପାଇଁ ବ୍ୟବହୃତ ଯନ୍ତ୍ରପାତି ଏବଂ ଛୋଟ ଡିଜେଲ ଇଞ୍ଜିନ୍ ଭଳି କୃଷି ଉପକରଣ ଉପରୁ ଜିଏସ୍‌ଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଜଳସେଚନକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବା ସହ ଉତ୍ପାଦକତା ବୃଦ୍ଧି ଦିଗରେ ସହାୟକ ହେବ । ଜୈବ କୀଟନାଶକ ଏବଂ ଅନେକ ସୂକ୍ଷ୍ମ ପୁଷ୍ଟିକର ପଦାର୍ଥ ଉପରେ ମଧ୍ୟ ଟିକସ ହାର ୫ ପ୍ରତିଶତରେ ସୀମିତ ରଖାଯାଇଛି । ଆମୋନିଆ, ସଲଫ୍ୟୁରିକ ଏସିଡ୍ ଏବଂ ନାଇଟ୍ରିକ୍ ଏସିଡ୍ ଭଳି ସାର ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଟିକସ ହ୍ରାସ ଯୋଗୁଁ ଚାଷୀଙ୍କ ଖର୍ଚ୍ଚ ହ୍ରାସ ପାଇବା ସହ ପରିବେଶ ଅନୁକୂଳ ଚାଷକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ।

## ଟେଷ୍ଟ ସିରିଜ୍

ଭାରତ ଓ ୱେଷ୍ଟଇଣ୍ଡିଜ୍ ଦୁଇଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଅହମ୍ମଦାବାଦଠାରେ ଖେଳାଯାଉଛି । ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୱେଷ୍ଟଇଣ୍ଡିଜ ତା’ର ପ୍ରଥମ ଇନିଂସରେ ୯ ୱିକେଟ୍ ବିନିମୟରେ ୧୫୬ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ମହମ୍ମଦ ସିରାଜ ସର୍ବାଧିକ ୪ଟି ୱିକେଟ୍

ଅକ୍ତିଆର କରିଥିବାବେଳେ ଯଶପ୍ରୀତ ବୁମ୍ରା ୩ଟି ଏବଂ  କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଛନ୍ତି।

ଚଳିତ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆସନ୍ତା ୧୦ ତାରିଖରେ ଦିଲ୍ଲୀଠାରେ ଖେଳାଯିବ।

.................................................................................................